# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 14th September - 2025

**********************************

*IPR*

## ଏକ୍ ପେଡ୍ ମା' କେ ନାମ୍

ଏକ୍ ପେଡ୍ ମା' କେ ନାମ୍ ଅଭିଯାନର ଦ୍ୱିତୀୟ ସଂସ୍କରଣରେ ଚଳିତ ବର୍ଷ ରାଜ୍ୟରେ ୭ କୋଟି ୫୦ ଲକ୍ଷ ଚାରାରୋପଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ବିକାଶ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନିଷ୍ଠାକୁ ସମ୍ମାନ ଜଣାଇ ଆସନ୍ତା ୧୭ ତାରିଖ ଦିନ ୭୫ ଲକ୍ଷ ଚାରାରୋପଣ କରାଯିବ । ଗତ ଜୁନ୍ ମାସ ୫ ତାରିଖରେ ଆରମ୍ଭ ହୋଇଥିବା ମା' ପାଇଁ ଗଛଟିଏ ଅଭିଯାନ ଚଳିତ ମାସ ଶେଷ ସୁଦ୍ଧା ଚାଲିବ ।

*Sambalpur/R*

## ଭୀମ୍‌ସାର - ହୃଦ୍‌ରୋଗ

ବୁର୍ଲା ଭୀମ୍‌ସାର୍ ମେଡିକାଲ୍ କଲେଜରେ ଆସନ୍ତା ଶିକ୍ଷାବର୍ଷରୁ ହୃଦ୍‌ରୋଗ ବିଭାଗର ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁରରେ ଗତକାଲି ଆୟୋଜିତ ଭାରତୀୟ

ହୃଦ୍‌ରୋଗ ସମାଜର ୩୦ତମ ବାର୍ଷିକ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବା ନେଇ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ସମସ୍ତ ବିଦ୍ୟାଳୟରେ ସୁଗାର ବୋର୍ଡ଼ ଲଗାଯିବ । କେତେ ପରିମାଣର ମିଠା, ଚିନି, ତେଲ, ଖାଦ୍ୟ ଛାତ୍ରଛାତ୍ରୀମାନେ ଖାଇବେ, ସେ ସମ୍ପର୍କରେ ସଚେତନ କରାଯିବ ।

***Ganjam/R***

## ସାର ସମୀକ୍ଷା ବୈଠକ

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆସିକା ଗସ୍ତରେ ଯାଇ ସାରର ମହଜୁଦର ସମୀକ୍ଷା କରିଛନ୍ତି । ସ୍ଥାନୀୟ ଡାକବଙ୍ଗଳାଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସାରର ଅଭାବକୁ ଖୁବ୍‌ଶୀଘ୍ର ଦୂର କରାଯିବ ବୋଲି ଶ୍ରୀ ପାତ୍ର କହିଛନ୍ତି ।  ବୈଠକରେ ଆସିକା ସାଂସଦ ଅନିତା ଶୁଭଦର୍ଶୀ, ବିଧାୟକ ସରୋଜ ପାଢ଼ୀ ଓ ପୂର୍ଣ୍ଣଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ ।

***Khurda/R***

## ସୁସ୍ଥନାରୀ ସଶକ୍ତ

ଖୋର୍ଦ୍ଧା ଜିଲ୍ଲାରେ ସୁସ୍ଥନାରୀ ସଶକ୍ତ କରିବା ଅଭିଯାନ ଚଳିତ ମାସ ୧୭ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲା

ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ନେଇ ଏକ ବୈଠକ ଗତକାଲି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନ ଅନ୍ତର୍ଗତ ମହିଳା ଓ ଶିଶୁମାନଙ୍କର ଟିକାକରଣ ଏବଂ ବିଭିନ୍ନ ବିଭାଗର ସହଯୋଗରେ କାର୍ଯ୍ୟକ୍ରମକୁ ଶତ ପ୍ରତିଶତ ସଫଳ କରିବାପାଇଁ ସମସ୍ତ ଗଣ ସହାୟକଙ୍କୁ ସାମିଲ୍ କରିବାପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ଜିଲ୍ଲାର ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୧ ହଜାର ୬୧୦ଟି କେନ୍ଦ୍ରରେ ଏହି ସେବା ଉପଲବ୍ଧ ହେବ ।

***Puri/R***

## ପୁରୀ - ଷୋଳପୂଜା

ଶ୍ରୀକ୍ଷେତ୍ର ପୁରୀରେ ଆଜିଠାରୁ ଶ୍ରୀଜିଉମାନଙ୍କର ଶାରଦୀୟ ପାର୍ବଣର ଷୋଳ ପୂଜା ଆରମ୍ଭ ହେଉଛି । ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଆଶ୍ୱିନ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଷୋଡ଼ଶ ଦିବସବ୍ୟାପୀ ପୁରୀର ସମସ୍ତ ଶକ୍ତିପୀଠରେ ଷୋଳ ପୂଜା ବିଧି ଅନୁଯାୟୀ ଚଣ୍ଡୀପାଠ ଓ ମା’ ଦୁର୍ଗାଙ୍କ ଆରାଧନା ଚାଲିବ । ପୁରୀ ଶ୍ରୀମନ୍ଦିରରେ ମା’ ବିମଳାଙ୍କ ପୀଠରେ ପୂଜାବିଧି ଆରମ୍ଭ ହେବା ସହିତ ମନ୍ଦିର ପରିସରରେ ଥିବା ମା’ ଭୁବନେଶ୍ୱରୀ, ମା’ ବାଟମଙ୍ଗଳା, ମା’ ଉତ୍ତରାୟଣୀ, ମା’ ଦକ୍ଷିଣକାଳୀ, ମା’ ଆଲାମଚଣ୍ଡୀ ଏବଂ ମା’ ପଞ୍ଚମୁଖୀଙ୍କ ପୀଠାରେ ଷୋଳ

ପୂଜା ହେବ । ଶ୍ରୀମନ୍ଦିରରେ ଆଜି ମୂଳାଷ୍ଟମୀ ସହିତ ସହସ୍ର କୁମ୍ଭାଭିଷେକ ନୀତି ସହିତ ଦୁର୍ଗାମାଧବ ଉପାସନା ନୀତି ପାଳନ କରାଯିବ ।

***Bhadrak/R***

## ଦୁର୍ଗାପୂଜା - ବୈଠକ

ଭଦ୍ରକ ଜିଲ୍ଲାରେ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ସହର ଏବଂ ବିଭିନ୍ନ ସ୍ଥାନରେ ଦୁର୍ଗାମଣ୍ଡପଗୁଡ଼ିକରେ ଶାନ୍ତିଶୃଙ୍ଖଳା ଏବଂ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାପାଇଁ ବୈଠକରେ ଆଲୋଚନା ହୋଇଥିଲା ।

***Desk***

## ରାଷ୍ଟ୍ରୀୟ ଲୋକ ଅଦାଲତ

ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ଗତକାଲି ରାଜ୍ୟର ୩୦ଟି ଜିଲ୍ଲାର ବିଭିନ୍ନ ଅଦାଲତଗୁଡ଼ିକରେ ୩ ଲକ୍ଷ ୬ ହଜାର ୬୯୫ଟି ମାମଲାର ଫଇସଲା ହୋଇଛି । ଏଥିସହିତ ମୋଟ୍ ୨୬୫ କୋଟି ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତିପୂରଣ ବାବଦରେ ଆଦାୟ କରିବାପାଇଁ ସ୍ଥିର କରାଯାଇଛି ।

*Nabarangpur/R*

# ଆଦି କର୍ମଯୋଗୀ ଅଭିଯାନ

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଡଙ୍ଗରଭେଜା ପଞ୍ଚାୟତରେ ବ୍ଲକ୍‌ସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ ବୈଠକ ହୋଇଯାଇଛି । ବୈଠକରେ ସରକାରୀ ଯୋଜନାଗୁଡ଼ିକ ଆଦିବାସୀ ସମ୍ପ୍ରଦାୟ ଲୋକମାନଙ୍କ ପାଖରେ ପହଞ୍ଚିବା ନେଇ ଆଲୋଚନା ହୋଇଥିଲା । ଏହି ଅଭିଯାନ ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମରେ କର୍ମ ସହଯୋଗୀ ଓ କର୍ମସାଥୀମାନଙ୍କୁ ଚୟନ କରାଯିବ । ଆସନ୍ତା ମାସ ୨ ତାରିଖ ସୁଦ୍ଧା ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

*IPR*

# ଓଡ଼ିଶା ପୁଲିସ୍ - କ୍ରୀଡ଼ା

ଓଡ଼ିଶା ପୁଲିସ୍ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ସହିତ ଅନ୍ତର୍ଜାତୀୟ କ୍ଷେତ୍ରରେ ପଦକ ଆଣି ଗୌରବାନ୍ୱିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କେନ୍ଦୁଝରଠାରେ ୮୭ତମ ରାଜ୍ୟ ପୁଲିସ୍ ପୁରୁଷ କବାଡ଼ି ଚାମ୍ପିୟନ୍‌ସିପ ଏବଂ ଦଶମ ପୁଲିସ ଚାମ୍ପିୟନ୍‌ସିପ୍‌ର ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ କହିଛନ୍ତି, କ୍ରୀଡ଼ାକ୍ଷେତ୍ରରେ ସୁସ୍ଥ ଯୁବଶକ୍ତି ଓ ସୁସ୍ଥ ଓଡ଼ିଶା ମୂଳମନ୍ତ୍ରରେ ସରକାର ବିଶ୍ୱାସ କରନ୍ତି । କଟକ ପୁଲିସ୍‌ର ଷଷ୍ଠ ବାଟାଲିୟନ୍ ପୁରୁଷ କବାଡ଼ି ପ୍ରତିଯୋଗିତାରେ

ଚାମ୍ପିୟନସିପ୍ ହୋଇଥିବାବେଳେ ଢେଙ୍କାନାଳ ଜିଲ୍ଲା ପୁଲିସ୍ ହ୍ୟାଣ୍ଡବଲ୍ ଚାମ୍ପିୟନ୍‌ସିପ୍ ହାସଲ କରିଛି ।

***Desk***

## ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ଓ ଆନ୍ଧ୍ରପ୍ରଦେଶ ଉପକୂଳସ୍ଥ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆଜି ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ବୁଧବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ । ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁସାରେ ଆସନ୍ତାକାଲିଠାରୁ ମୌସୁମୀ ଉତ୍ତର-ପଶ୍ଚିମ ରାଜ୍ୟରୁ ପ୍ରତ୍ୟାବର୍ତ୍ତନ କରିବାର ଅନୁମାନ କରାଯାଉଛି । ଚଳିତ ବର୍ଷ ଦେଶରେ ୭ ପ୍ରତିଶତ ଅଧିକ ବର୍ଷା ହୋଇଥିବା କୁହାଯାଇଛି ।

*****